# ଜିଲ୍ଲା ଗୃହରକ୍ଷୀ,କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

ପତ୍ର ସଂଖ୍ୟା ୪୪ /ଗୃହରକ୍ଷୀ ତା. ୨୪.୦୨.୨୦୨୫

**କେନ୍ଦ୍ରାପଡ଼ା ପୋଲିସଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା**

କେନ୍ଦ୍ରାପଡ଼ା ପୋଲିସ ଜିଲ୍ଲାର ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ କେନ୍ଦ୍ରାପଡ଼ା ପୋଲିସ ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ(ଓଡିଶା ଗୃହରକ୍ଷୀ ନିୟମ ୧୯୬୨ ର Form -"A") ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କାରଯାଉଛି । ଇଚ୍ଛୁକ ପ୍ରାର୍ଥୀ ଙ୍କୁ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଜଗାଙ୍ଗ, କେନ୍ଦ୍ରାପଡ଼ା ଙ୍କ କାର୍ଯ୍ୟାଳୟ (R.O) ଠାରେ ତା.୦୧.୦୩.୨୫ ରିଖଠାରୁ ତା.୧୦.୦୩.୨୦୨୫ ରିଖ ସୁଦ୍ଧା ଆବେଦନ ଫର୍ମ ଦାଖଲ କରିବାକୁ ପଡିବ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ, ଏହା ଆବେଦନାକାରୀମାନେ ନିକଟସ୍ଥ ଥାନା,ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, କାର୍ଯ୍ୟାଳୟରୁ ବୁଝିପାରିବେ । କମ୍ପୁଟର ଜ୍ଞାନ, ଗାଡି ଚାଳନା ଜ୍ଞାନ , ରୋଷେଇ ଜ୍ଞାନ ଓ ଅନ୍ୟାନ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ବ୍ୟକ୍ତି ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମୋଟ ଖାଲି ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା-୯୬ । ଯଦି ଆବେଦନାକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ,ତେବେ ଆବେଦନାକାରୀଙ୍କୁ କିଛି ଚୟନ ପରୀକ୍ଷା/ସାକ୍ଷାତକାରର ସମ୍ମୁଖୀନ ହେବାକୁ ପଡିବ । ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି ଶୃଙ୍ଖଳା ,ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No.01/2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ଫର୍ମ ଗୁଡିକ ଏହି ଜିଲ୍ଲା ର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀ ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।

**ଯୋଗ୍ୟତା**

୧. ଆବେଦନକରୀ କେନ୍ଦ୍ରାପଡ଼ା ପୋଲିସ ଜିଲ୍ଲା ର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨. ଆବେଦନକାରୀ ଅତି କମରେ **ପଞ୍ଚମ** ଶ୍ରେଣୀ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଥିବେ ।

୩. ଆବେଦନକରୀ ଓଡିଆ ଭାଷା ପଢି,ଲେଖି ଏବଂ କହିପାରୁଥିବେ ।

୪. ଆବେଦନକାରୀ ସୁସ୍ଥ, ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।

୫. ଆବେଦନକାରୀ ଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷ ରୁ ଉର୍ଦ୍ଧ ହୋଇନଥିବ ।

୬. ଆବେଦନାକାରୀ ଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସ ଅପରାଧିକ ମାମଲା ବିଚାରାଧିନ ନ ଥିବ ।

**ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡିବ:**

୧. ଆବାସିକ ପ୍ରମାଣପତ୍ର ।

୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।

୩. ଚାରି ଗୋଟି ପାସପୋର୍ଟ ଆକାରର ଫଟୋ ।

୪. ଦକ୍ଷତା ଅନୁଯାୟୀ ପ୍ରମାଣପତ୍ର ।

୫. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାର କାର୍ଡ/ଭୋଟର କାର୍ଡ) ।

୬. ଟୋଲ ଫ୍ରି ନଂ-୦୬୭୨୭-୨୭୪୭୭୭

24/2/25

ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
କେନ୍ଦ୍ରାପଡ଼ା